# 1944ର ଓଡ଼ିଶା ଅଧିନିୟମ 5

## ହିନ୍ଦୁ ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାର ( ଓଡ଼ିଶାରେ କୃଷିଜମି ପ୍ରତି ସଂପ୍ରସାରଣ) ଅଧିନିୟମ,1944

ତା 21 ଅପ୍ରେଲ 1944

ଓଡ଼ିଶା ପ୍ରଦେଶରେ ହିନ୍ଦୁ ମହିଳା ମାନଙ୍କର ସମ୍ପତ୍ତିଗତ ଅଧିକାର ଅଧିନିୟମ, 1937 ଓ ହିନ୍ଦୁ ମହିଳା ମାନଙ୍କର ସମ୍ପତ୍ତିଗତ ଅଧିକାର (ସଂଶୋଧନ) ଅଧିନିୟମ,1938ର କାର୍ଯ୍ୟର ପରିସରକୁ କୃଷିଜମି ପ୍ରତି ସଂପ୍ରସାରଣ କରିବା ପାଇଁ ଏକ ଅଧିନିୟମ।

ଉଦ୍ଦେଶିକା ।

ଯେହେତୁ ସାଧାରଣଭାବରେ ସଂପତ୍ତି ସମ୍ବନ୍ଧରେ ଅଧିକତର ଅଧିକାର ଦେବା ପାଇଁ ହିନ୍ଦୁ ମହିଳାମାନଙ୍କ ସଂପତ୍ତିଗତ ଅଧିକାର (ସଂଶୋଧନ) ଅଧିନିୟମ,1938 ଦ୍ୱାରା ସଂଶୋଧିତ ହେବା ପ୍ରକାରେ ହିନ୍ଦୁ ମହିଳାମାନଙ୍କ ସଂପତ୍ତିଗତ ଅଧିକାର  ଅଧିନିୟମ, 1937 ଉଦ୍ଦିଷ୍ଟ;

ଏବଂ ଯେହେତୁ ପ୍ରତିପାଦିତ  ହୋଇଛି ଯେ, କୃଷି ଜମି ସମ୍ବନ୍ଧରେ ମହିଳାମାନଙ୍କୁ ଅଧିକତର ଅଧିକାର ଦେବା ପାଇଁ ଉକ୍ତ ଅଧିନିୟମ କାର୍ଯ୍ୟ କରୁ ନାହିଁ ;

ଏବଂ ଯେହେତୁ କୃଷି ଜମି ଏବଂ  ଅନ୍ୟ ପ୍ରକାରର ସଂପତ୍ତି ସମ୍ବନ୍ଧରେ ମହିଳାମାନେ ଅଧିକତର ଅଧିକାର ହାସଲ କରିଥିବା ଆଧାରରେ ଉକ୍ତ ଅଧିନିୟମ ଅନୁଯାୟୀ ଓଡ଼ିଶା ପ୍ରଦେଶରେ ଅନେକ କାରବାର ହୋଇସାରିଛି;

ସୁତରାଂ ଓଡ଼ିଶା ପ୍ରଦେଶରେ କୃଷି ଜମି ସଂପର୍କରେ ଉକ୍ତ ଅଧିନିୟମ ଅନୁଯାୟୀ ମହିଳାମାନଙ୍କୁ ଅଧିକତର ଅଧିକାର ଦେବା ନିମନ୍ତେ କେତେକ ବ୍ୟାବୃତ୍ତି ସହିତ ପିଛିଲା ପ୍ରଭାବ ଦେଇ ଉକ୍ତ ପ୍ରଦେଶରେ ଉକ୍ତ ଅଧିନିୟମର କାର୍ଯ୍ୟର ପରିସରକୁ ସଂପ୍ରସାରଣ କରିବା ତଥା ଉପରେ ସୂଚିତ କାରବାରଗୁଡିକୁ ବିଧିମାନ୍ୟ କରିବା ଓ ଅନ୍ୟାନ୍ୟ ଉଦ୍ଦେଶ୍ୟ ସାଧନ କରିବା ସମୀଚୀନ ଅଟେ;

ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମ ହେଲା : -

ସଂକ୍ଷିପ୍ତ ନାମ ଓ ବିସ୍ତାର ।

1. (1) ଏହି ଅଧିନିୟମ ହିନ୍ଦୁ ମହିଳାମାନଙ୍କର ସଂପତ୍ତିଗତ ଅଧିକାର ( ଓଡ଼ିଶାରେ କୃଷି ଜମି ପ୍ରତି ସଂପ୍ରସାରଣ) ଅଧିନିୟମ, 1944 ନାମରେ ଅଭିହିତ ହେବ ।

   (2) ଏହା ସମଗ୍ର ଓଡ଼ିଶା  ପ୍ରଦେଶରେ ବିସ୍ତାରିତ ।

ଓଡ଼ିଶାରେ ହିନ୍ଦୁ ମହିଳାମାନଙ୍କ ସଂପତ୍ତିଗତ ଅଧିକାର ଅଧିନିୟମ, 1937ର କାର୍ଯ୍ୟର ପରିସରକୁ କୃଷି ଜମି ପ୍ରତି ସଂପ୍ରସାରଣ

2. ଓଡ଼ିଶା ରାଜ୍ୟରେ ତାହାର ପ୍ରୟୋଗ ନେଇ ହିନ୍ଦୁ ମହିଳାମାନଙ୍କ ସଂପତ୍ତିଗତ ଅଧିକାର (ସଂଶୋଧନ) ଅଧିନିୟମ, 1938 ଦ୍ୱାରା ସଂଶୋଧିତ ହେବା ପ୍ରକାରେ ହିନ୍ଦୁ ମହିଳାମାନଙ୍କ ସଂପତ୍ତିଗତ ଅଧିକାର ଅଧିନିୟମ, 1937 ରେ ଥିବା "ସଂପତ୍ତି" ଅଭିବ୍ୟକ୍ତିରେ କୃଷି ଜମି ଅନ୍ତର୍ଭୁକ୍ତ ହେବ ଓ ତାହା ସର୍ବଦା ଅନ୍ତର୍ଭୁକ୍ତ ହୋଇଛି ବୋଲି ବିବେଚିତ ହେବ ଏବଂ ତଦନୁସାରେ ଉକ୍ତ ପ୍ରଦେଶରେ ଉକ୍ତ ଅଧିନିୟମର ବ୍ୟବସ୍ଥାମାନ କୃଷି ଜମି ପ୍ରତି ପ୍ରଯୁଜ୍ୟ ହେବ ଓ ସର୍ବଦା ପ୍ରଯୁଜ୍ୟ ହୋଇ ରହିଥିଲା ବୋଲି ବିବେଚିତ ହେବ।

ପୂର୍ବ ଦଖଲ ଓ ଅନ୍ତରଣର ବ୍ୟାବୃତ୍ତି ।

3. ଧାରା 2 ରେ ଯାହାକିଛି ଥିବା ସତ୍ତ୍ୱେ, ଯେବେ କୌଣସି ବ୍ୟକ୍ତି ଏହି ଅଧିନିୟମ ପାରିତ ହୋଇନଥିବା ହେତୁ କୌଣସି ସଂପତ୍ତିର ହକଦାର ଥିବେ, ତାହା ନିଜ ଦଖଲରେ ରଖିଥିବେ ବା ତାହାକୁ ଅନ୍ତରଣ କରିଥିବେ, ତେବେ ଏହି ଅଧିନିୟମର ପ୍ରାରମ୍ଭ ପର୍ଯ୍ୟନ୍ତ ତାଙ୍କର ଦଖଲ ଏପରି ବିଧିସମ୍ମତ ଥିଲା ଏବଂ ସେପରି କରାଯାଇଥିବା ଅନ୍ତରଣ ଏପରି ବୈଧ ଥିଲା ବୋଲି ବିବେଚିତ ହେବ, ସତେ ଯେପରି ଏହି ଅଧିନିୟମ ପାରିତ ହୋଇନଥିଲା।

ବିଶେଷ ବିଧିଗୁଡ଼ିକର ବ୍ୟାବୃତ୍ତି ।

4. ଏହି ଅଧିନିୟମର କୌଣସି ବିଷୟ କୃଷି ଜମିରେ ପ୍ରଜାମାନଙ୍କର ଅଧିକାରର ଉତ୍ତରାଧିକାର ସମ୍ବନ୍ଧୀୟ ଓଡ଼ିଶା ପ୍ରଦେଶରେ କୌଣସି ଅଞ୍ଚଳରେ ତତ୍ ସମୟେ ବଳବତ୍ତର ଥିବା କୌଣସି ବିଶେଷ ବିଧିକୁ ପ୍ରଭାବିତ କରୁଛି ବୋଲି ବିବେଚିତ ହେବ ନାହିଁ ।